## ଶ୍ରେଣୀ: ଏକାଦଶ - ଦ୍ୱାଦଶ

- ବୌଦ୍ଧିକ କୌଶଳ
- ସାମାଜିକ କୌଶଳ
- ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କୌଶଳ
- ଭାବାବେଗ ସମ୍ବନ୍ଧୀୟ କୌଶଳ

1. ତୁମେ ନିଜର ବୃତ୍ତି (କ୍ୟାରିୟର) ବାଛିବା ପାଇଁ ଆଗ୍ରହୀ କି ? ଜାଣିଛ କି ତୁମେ ଭଲ ପାଉଥିବା କାମ ମଧ୍ୟ ତୁମର ବୃତ୍ତି (କ୍ୟାରିୟର) ହୋଇପାରିବ, ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍)ରେ ଦେଖ ।

2. ବାପା ମା'ଙ୍କର ଉଦ୍ୟମ/ପ୍ରଚେଷ୍ଟା କୁ ଚିହ୍ନିବା ପାଇଁ କେବେ କିଛି ସକାରାତ୍ମକ ଶବ୍ଦ ବ୍ୟବହାର କରିଛ କି, ଯେପରିକି ଆମେ ତାଙ୍କୁ କେବେ ଶ୍ରଦ୍ଧା ସମ୍ମାନ କରିଛେ କି, ତେବେ ଆସ ଆଜି ଆମର ପିତାମାତାଙ୍କ ପାଇଁ କୃତଜ୍ଞତାର କିଛି ବାକ୍ୟ ଲେଖିବା ।

3. ତୁମେ ତୁମର ସବୁଠୁ ପ୍ରିୟ ବନ୍ଧୁଙ୍କୁ କେତେ ଭଲ ଭାବେ ଜାଣିଛ ? ସେହି ବନ୍ଧୁଙ୍କର ପାଞ୍ଚଟି ଭଲ ଓ ପାଞ୍ଚଟି ଖରାପ ଅଭ୍ୟାସ ବିଷୟରେ ଲେଖ ଏବଂ ତାଙ୍କୁ ଜଣାଅ ସେ ନିଜର ଖରାପ ଅଭ୍ୟାସ କେମିତି ଛାଡିବେ ।

4. କେବଳ ପାଠପଢ଼ାରେ ନିଜକୁ ସୀମିତ ନରଖି ଖବରକାଗଜରୁ ଆମ ଆଖପାଖ ଅଞ୍ଚଳ, ଆମ ରାଜ୍ୟ, ଦେଶ ଓ ବିଶ୍ୱରେ ଘଟୁଥିବା ଘଟଣାଗୁଡିକୁ ଜାଣିବା ଓ ଆମର ଜ୍ଞାନ ବଢ଼ାଇବା ।

5. କେବେ କୌଣସି ପଶୁପକ୍ଷୀକୁ ଖରାପ ବ୍ୟବହାର କରାଯାଉଥିବାର ଦେଖିଛ କି ? ପି.ଇ.ଟି.ଏ (PETA) ସଂଗଠନ ବିଷୟରେ ଜାଣ ଓ ଦେଖ ସେମାନେ କିପରି ପଶୁପକ୍ଷୀମାନଙ୍କର ଜୀବନ ରକ୍ଷା କରନ୍ତି ।

6. ତୁମେ ବେଳେବେଳେ ତୁମର ସାଙ୍ଗ ଓ ଭାଉଭଉଣୀମାନଙ୍କୁ କିଛି ପ୍ରଶଂସା କର କି ? ତୁମେ କିପରି ପ୍ରଶଂସା କରିବ, ତାହା ଓଡିଆ ଓ ଇଂରାଜୀ ଭାଷାରେ ଜଣାଅ ।

7. ସଫଳ ବ୍ୟକ୍ତିଙ୍କ ଏକ ବଳିଷ୍ଠ ଗୁଣ ହେଉଛି ସମୟ ପରିଚାଳନା । ତୁମେ ଜାଣିଥିବା ଅନ୍ୟ ଗୁଣଗୁଡିକର ଏକ ତାଲିକା ପ୍ରସ୍ତୁତ କର ।

8. ଯଦି ତୁମେ ଜଣେ ଟ୍ରାଫିକ୍ ପୋଲିସ ଅଧିକାରୀ ହୋଇଥାନ୍ତ, ତେବେ ଗାଡି ଚଳାଉଥିବା ସମୟରେ ମୋବାଇଲ୍‌ର ବ୍ୟବହାର ହ୍ରାସ କରିବା ପାଇଁ କେଉଁ ରଣନୀତି ଆପଣେଇଥାନ୍ତ ?

9. ଅବକାଶ ସମୟକୁ କିପରି ଅତିବାହିତ କର, ତା'ର ଏକ ଚିଠା ପ୍ରସ୍ତୁତ କର ଏବଂ ତାହାକୁ କିପରି ଜୀବନରେ ଉପଯୋଗ କରିବ ତାହା ଲେଖି ।

10. କୃତ୍ରିମ ବୁଦ୍ଧିମତା (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ହେଉଛି ଯାଦୁକରୀ ବିଜ୍ଞାନ ଯାହା ଦ୍ୱାରା ଜଣେ ଡାକ୍ତର ଦିଲ୍ଲୀରେ ଥାଇ ମଧ୍ୟ ଭୁବନେଶ୍ୱରରେ ଥିବା ଜଣେ ରୋଗୀଙ୍କ ଉପରେ ଅସ୍ତ୍ରୋପଚାର କରିପାରିବେ । ଆମ ଜୀବନରେ ଏହାର ଭୂମିକା ବିଷୟରେ ଅଧିକ ଜାଣିବା ପାଇଁ ଇଣ୍ଟରନେଟ୍‌ରେ ଅନୁସନ୍ଧାନ କର ।

11. ନିଜ ଆଖପାଖ ଅଞ୍ଚଳକୁ ସଫା ରଖିବା ପାଇଁ ଓ ପରିବେଶକୁ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ତୁମେ କେଉଁ ପ୍ରକାର ପଦକ୍ଷେପ ନେଇପାରିବ ?

12. ଘରୁ ହିଁ ସଚେତନତା ଆରମ୍ଭ ହୁଏ । ତୁମକୁ ଦିଆଯାଇଥିବା ବ୍ୟକ୍ତିତ୍ୱ ବିକାଶ ପୁସ୍ତିକାରୁ ନିଜସ୍ୱ ସଚେତନତା ବିଷୟରେ ପଢ଼ ଏବଂ ଏହା କେତେ ଉପଯୋଗୀ ତାହା ସଂକ୍ଷେପରେ ଲେଖ ।

13. ଯଦି ତୁମେ ନିଜ ବିଦ୍ୟାଳୟରେ ଗୋଟିଏ ଦିନ ପାଇଁ ପ୍ରଧାନ ଶିକ୍ଷକ/ପ୍ରଧାନ ଶିକ୍ଷୟତ୍ରୀ ହୁଅ, ତେବେ କେଉଁ କେଉଁ ପରିବର୍ତ୍ତନ କରିବାକୁ ଚେଷ୍ଟା କରିବ, ତାହା ଜଣାଅ ।

14. ତୁମର ବନ୍ଧୁ, ସଂପର୍କୀୟ ତଥା ପରିବାର ସଦସ୍ୟମାନେ କେହି ନିଶାଦ୍ରବ୍ୟର ସେବନ କରୁଛନ୍ତି କି ? ସେମାନଙ୍କୁ ସେଥିରୁ ନିବୃତ୍ତ କରିବାକୁ କେଉଁ କେଉଁ ପଦକ୍ଷେପ ନେବ ତାହା ଲେଖ ।

15. ତୁମର "ସ୍ୱପ୍ନର ବୃତ୍ତି (କ୍ୟାରିୟର)" ଅଛି କି ? ବା କେଉଁ ବୃତ୍ତି (କ୍ୟାରିୟର)ରେ ଯିବା ପାଇଁ ତୁମେ ସ୍ୱପ୍ନ ଦେଖିଛ ? ଯଦି ହଁ, ତୁମ ସ୍ୱପ୍ନର ବୃତ୍ତି (କ୍ୟାରିୟର) ରେ ପହଞ୍ଚିବା ପାଇଁ ତୁମର ପ୍ରସ୍ତୁତି ପଦକ୍ଷେପ ଗୁଡିକର ଏକ ଟିପ୍ପଣୀ କର ।









16. ଆଜିକାଲି ସାଇବର ଅପରାଧ ଅନେକ ଯୁବକ ଓ ଯୁବତୀମାନଙ୍କୁ ଜାଲରେ ଫସାଇଥାଏ । ଆସ ଅନୁସନ୍ଧାନ କରି ସାଇବର ନିରାପତ୍ତା ବିଷୟରେ ଲେଖିବା ।

17. ଭାରତୀୟ ବେଲ ବୃକ୍ଷ ହେଉଛି ଅନ୍ୟତମ ଶ୍ରେଷ୍ଠ ଔଷଧୀୟ ବୃକ୍ଷ । ତୁମେ ଜାଣିଥିବା କିଛି ଔଷଧୀୟ ବୃକ୍ଷ ବିଷୟରେ ଲେଖ ।

18. ତୁମେ କୌଣସି ଏକ ଦଳର ନେତୃତ୍ୱ ନେବାକୁ ଚାହୁଁଛ କି ଏବଂ ସେହି ଦଳରେ କଣ କରିବ ? ନିଜର ତିନିରୁ ଚାରି ଜଣ ସାଙ୍ଗମାନଙ୍କ ସାଥିରେ ଏ ବିଷୟରେ ଆଲୋଚନା କରି ଲେଖ ।

19. ଚାଷରୁ ଅଧିକ ରୋଜଗାର କରିବାକୁ ଚାହୁଁଛନ୍ତି କି ? ଏହା ବିଷୟରେ ଅଧିକ ଜାଣିବା ପାଇଁ ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍) ରୁ କୃଷି କ୍ୟାରିୟର ବିଷୟରେ ପଢ଼ିବା ।

20. ତୁମେ ଜାଣିଛ କି ଭାରତରେ ୨୨ଟି ପ୍ରମୁଖ ଭାଷା ଅଛି ? ତୁମ ମାତୃଭାଷା ବ୍ୟତୀତ ଅନ୍ୟ ଯେଉଁ ଭାଷାଗୁଡିକ ଜାଣିଛ ତାହା ଲେଖ ।

21. ସ୍ମାର୍ଟଫୋନ୍‌ର ଅତ୍ୟଧିକ ବ୍ୟବହାରକୁ ହ୍ରାସ କରିବା ପାଇଁ ତୁମେ କେବେ ଚିନ୍ତା କରିଛ କି ? ସ୍ମାର୍ଟଫୋନ୍ ବ୍ୟବହାର ନକରି ଆମେ କିଛି ସମୟ ବିତାଇବାକୁ ଚେଷ୍ଟା କରିବା ଏବଂ ସେହି ସମୟକୁ ଆମେ କେତେ ପ୍ରଭାବଶାଳୀଭାବରେ ବ୍ୟବହାର କଲେ ତାହା ଲେଖିବା ।

22. ସ୍ୱଚ୍ଛତା ଆମ ଜୀବନର ପ୍ରାଥମିକ ଆବଶ୍ୟକତା ଓ ନିୟମିତ କାର୍ଯ୍ୟକଳାପ । ନିଜ ପରିବେଶ ଓ ସ୍ଥାନୀୟ ଅଞ୍ଚଳରେ ହୋଇଥିବା କିଛି ସ୍ୱଚ୍ଛତା କାର୍ଯ୍ୟକଳାପ ବିଷୟରେ ଜଣାଅ ।

23. ବିରକ୍ତି ଅନୁଭବ କରୁଛ କି ? କାର୍ଯ୍ୟଫର୍ଦ୍ଦ(ୱାର୍କଶିଟ୍)ରୁ ଯେକୌଣସି ଏକ ପୃଷ୍ଠା ସମାଧାନ କରିବା ଏବଂ କେତୋଟି ଠିକ୍ ହେଲା ତାହା ଲେଖିବା ।

24. ଦେଖ ଓଡିଶା କିପରି ସୁନ୍ଦର, ଦର୍ଶନୀୟ ତଥା ଐତିହାସିକ ସ୍ଥାନରେ ପରିପୂର୍ଣ୍ଣ । ନିକଟ ଅତୀତରେ ତୁମେ ବୁଲିଯାଇଥିବା ଦର୍ଶନୀୟ ତଥା ଐତିହାସିକ ସ୍ଥାନ ବିଷୟରେ ବିବରଣୀ ଦିଅ ।

25. ଶିକ୍ଷକମାନେ ତୁମର ଦୈନନ୍ଦିନ ଜୀବନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ସେମାନଙ୍କ ପାଇଁ କିଛି ଭଲ କଥା ଓ ବାର୍ତ୍ତା ଲେଖିବା ।

26. ତୁମେମାନେ ଜାଣିଛ କି ଦୈନନ୍ଦିନ ମାତ୍ର ୧୫ ମିନିଟ୍‌ର ଧ୍ୟାନ ତୁମକୁ ତୁମର ସ୍ମୃତିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ତୁମେମାନେ କେତେ ସମୟ ଧ୍ୟାନ କର ଓ ଏହା କିପରି ତୁମକୁ ସାହାଯ୍ୟ କରେ ତାହା ଜଣାଅ ।

27. 'ସରସତିଆ' ସମ୍ବଲପୁର ଅଞ୍ଚଳର ଏକ ପ୍ରସିଦ୍ଧ ମିଠା । ତୁମେ ଜାଣିଥିବା ଅନ୍ୟାନ୍ୟ ପୁରପଲ୍ଲିର ମିଠା ବିଷୟରେ ଜଣାଅ ।

28. ନିଜେ କିପରି ଜଣେ ସଫଳ ବୈଜ୍ଞାନିକ ହୋଇପାରିବ ଓ ଜୀବନରେ ନୂତନ ଜିନିଷ ଉଦ୍ଭାବନ କରି ପାରିବ ତାହା ଲେଖ ଓ ଅନ୍ୟମାନଙ୍କୁ ଜଣାଅ ।

29. ଯଦି ତୁମେ ଜଣେ ସାମ୍ବାଦିକ ହୁଅ ତାହାହେଲେ ତୁମେ କେଉଁ ପ୍ରକାର ଖବର ସଂଗ୍ରହ କରିବା ପସନ୍ଦ କରିବ ଓ କାହିଁକି ?

30. କ୍ରୀଡା ପ୍ରତି ତୁମେ କେତେ ଆଗ୍ରହୀ ? କ୍ରୀଡା ପରିଚାଳନା କ୍ଷେତ୍ରରେ କିପରି ସଫଳ ବୃତ୍ତି(କ୍ୟାରିୟର) ଗଢି ତୋଳିବା ତାହା ଆମେ ବୃତ୍ତି ପୁସ୍ତିକା(କ୍ୟାରିୟର ବୁକ୍‌ଲେଟ୍) ରୁ ଖୋଜିବା ।

31. ତୁମେ '୫+୩+୩+୪' ଶିକ୍ଷା ବ୍ୟବସ୍ଥା ବିଷୟରେ ଜାଣିଛ କି ? ଏହା ବିଷୟରେ ଅଧିକ ଜାଣିବା ପାଇଁ ଇଣ୍ଟରନେଟ୍‌ରେ ନୂତନ ଶିକ୍ଷା ନୀତି ଉପରେ ଖୋଜି ପଢ଼ିବାକୁ ଚେଷ୍ଟା କର ।